# Akashvani, Sambalpur

## SAMBALPURI NEWS EVENING BULLETIN

## 23 May 2026-7.02- 7.12 pm.

---

୧- ସର୍କାରୀ ନିଯୁକ୍ତି ନାଗରିକ୍‌ମାନ୍‌କର୍ ଜୀବନ୍‌ଧାରଣ୍ ଶୈଲୀକେ ସହଜ୍ ଆଉ ଉନ୍ନତ୍ କରୁଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

-୧୯ ନମ୍ବର୍ ରୋଜ୍‌ଗାର୍ ମେଳାଥି ୫୧ ହଜାର୍‌ନୁ ଅଏତ୍‌କା ନବନିଯୁକ୍ତଙ୍କୁ ଦେଲେ ନିଯୁକ୍ତିପତ୍ର ।

୨- ରାଜ୍ୟର୍ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଆଉ ଶିଳ୍ପାୟନ ପ୍ରସଙ୍ଗକେ ନେଇକରି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ଇବୋଲା ଭାଇରସ୍‌ର ସମ୍ଭାବ୍ୟ ସଂକ୍ରମଣ୍ ପ୍ରତିରୋଧ୍ ଆଉ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଉର୍

୪- ଗ୍ରୀଷ୍ମପ୍ରବାହ ଆଉ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍‌କେ ନଜରଥି ରଖିକରି ଆଏବା କାଏଲ୍‌ନୁ ସ୍ଥଗିତ୍ ରହେବା ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି ।

ପିଏମ୍ ରୋଜ୍‌ଗାର୍ ମେଳା ଆର୍‌ଏନ୍‌ୟୁ/ କଟକ୍/ ହି.ସ.

ସମ୍ବଲପୁର ସମ୍ବାଦଦାତା

ଭାରତ୍‌ର ବିକାଶ୍ ଯାତ୍ରାଥି ସହଭାଗୀ ହେବାର୍ ଲାଗି ପୁର୍‌ଥି ପ୍ରସ୍ତୁତ ରହିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପୁର୍‌ଥିର୍ ବହୁତ୍‌ଟେ ଦେଶ୍ ସାଙ୍ଗେ ଭାରତ୍ ସହଯୋଗ୍ ଭିତି ନ ସୁଯୋଗ୍ ସୃଷ୍ଟି କର୍‌ବାର୍, କର୍ମନିୟୋଜନ୍ ଦେବାର୍ ଆଉ ଦେଶର୍ ଯୁଆନ୍ ପିଢ଼ିଙ୍କୁ ଆନ୍ତର୍ଜାତିକ୍ ସ୍ତର୍ ନ ମାନ୍ୟତା ଦେବାର୍ ଲାଗି କାମ୍ କରୁଛେ । ୧୯ ନମ୍ବର୍ ରୋଜ୍‌ଗାର୍ ମେଳାଥି ଆଏଜ୍ ୫୧ ହଜାର୍‌ନୁ ଅଏତ୍‌କା ନୂଆଁକରି ଚାକିରୀ ପାଇଥିବା ପିଲା ଟୁକେଲ୍‌ଙ୍କୁ ନିଯୁକ୍ତିପତ୍ର ଦେଇକରି ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ କହିଛନ୍, ଦେଶ୍ ତାର୍ କର୍ମଯୋଗୀଙ୍କର୍ ଉପ୍‌ରେ ଭର୍‌ସା କରୁଛେ । ନାଗରିକ୍‌ମାନ୍‌କର୍ ଜୀବନ୍ ଧାରଣ୍‌ର ସହଜତା ଆଉ ବିକାଶ୍ ଦିଗେ ସର୍‌କାରୀ ଚାକିରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଶ୍ରୀ ମୋଦୀ କହିଛନ୍, ଭାରତୀୟମାନେ ୨୦୪୭ ତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ ଲାଗି କାମ୍ କରୁଛନ୍ ଆଉ

ଇଥିର୍‌ଲାଗି ଦେଶ୍ ଭିନ୍ ଭିନ୍ କ୍ଷେତ୍ର ନ ନିବେଶ୍ କରୁଛେ । ଦେଶର୍ ୪୭ ଟା ଜାଗା ନ ଖାସ୍ କାର୍ଯ୍ୟକ୍ରମ୍‌ଥି ନିଯୁକ୍ତି ପତ୍ର ବଂଟାଯାଇଛେ । ନବନିଯୁକ୍ତ ମାନେ ଭିନ୍ ଭିନ୍ ସର୍‌କାରୀ ବିଭାଗ୍ ଆଉ ସଂଗଠନ୍‌ମାନ୍‌କୁ ନିଯୁକ୍ତି ପାଇଛନ୍ । ଖାସ୍‌କରି ରେଲ୍‌ବାଇ, ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ଆର୍ ଉଚ୍ଚଶିକ୍ଷା ବିଭାଗ୍‌ଥି ନିଯୁକ୍ତି ଦିଆଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ରୋଜ୍‌ଗାର୍ ମେଳା ହେଇଯାଇଛେ । ଭୁବନେଶ୍ୱର୍ ରେଲ୍ ଅଡିଟୋରିୟମ୍ ଠାନେ ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆଂଚଳିକ୍ ରୋଜ୍‌ଗାର୍ ମେଳାଥି ଶହେ ୮୬ ଝନ୍ ପ୍ରାର୍ଥୀଙ୍କୁ ଭିନ୍ ଭିନ୍ ସର୍‌କାରୀ ପଦ୍‌ବୀ ଲାଗି ନିଯୁକ୍ତିପତ୍ର ଦିଆଯାଇଥିଲା ।

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଠାନେ ହେଇଥିବା ରୋଜ୍‌ଗାର୍ ମେଳାଥି ଭାରତୀୟ ରେଲ୍‌ବାଇଥି ୨୬ ଝନ୍, ଡାକ୍ ବିଭାଗ୍‌ଥି ୧୬ ଝନ୍‌କୁ ନିଯୁକ୍ତି ପତ୍ର ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ଆଲୋଚନା ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବନେଶ୍ୱର୍ ଖାରବେଳ ଭବନ୍ ନ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଆଉ ଶିକ୍ଷାୟନ ପ୍ରସଙ୍ଗକେ ନେଇକରି ଉଚ୍ଚାଦର୍‌ଜାର୍ ବୈଠକ୍‌ଥି ସମୀକ୍ଷା କରିଛନ୍ । ରାଜ୍ୟର୍ ଆଇନ୍‌ଶୃଙ୍ଖଳା ପରିସ୍ଥିତିଥି ଉନ୍ନତି ଆନ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆଘୋନୁ ଦେଇଥିବା ନିର୍ଦ୍ଦେଶାବଳୀର କେତେଦୂର୍ ପାଳନ୍ ହେଇଛେ ସେବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା । ପୁଲିସ୍ ପ୍ରଶାସନ୍ ଦକ୍ଷତା ଆଉ ସତର୍କତାର୍ ସହେତେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ରାଜ୍ୟ ସର୍‌କାର୍ ୨ ବଛର୍ ପୁରା କର୍‌ବାର୍‌କେ ଯାଉଥିବାର୍ ବେଲେ ସର୍‌କାର୍‌ଙ୍କର୍ ପ୍ରତିଶ୍ରୁତି ପାଳନ୍, ଯୋଜନାର୍ କ୍ରିୟାନ୍ୱୟନ୍, ଶିକ୍ଷାୟନ୍ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ୍, ଭବିଷ୍ୟତ୍ କାର୍ଯ୍ୟପନ୍ଥା ବାବ୍‌ଦେ ଭିଲ୍ ଆଲୋଚନା ହେଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ଉପଦେଷ୍ଟା ପ୍ରକାଶ୍ ମିଶ୍ର, ଗୃହସଚିବ ହେମନ୍ତ ଶର୍ମା, ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ଉପସ୍ଥିତ୍ ଥିଲେ ।

ଇବୋଲା-ସମୀକ୍ଷା        ଆଇ.ଆଣ୍ଡ.ପି.ଆର୍

ଇବୋଲା ଭାଇରସ୍‌ର ସମ୍ଭାବ୍ୟ ସଂକ୍ରମଣ୍ ପ୍ରତିରୋଧ୍ ଆଉ ପ୍ରସ୍ତୁତିକେ ନେଇକରି ଲୋକ୍‌ସେବା ଭବନ୍ ନ ଆଏଜ୍ ଗୁଟେ ଉଚ୍ଚାଦର୍‌ଜାର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଅଧ୍ୟକ୍ଷତା କରିକରି ଇବୋଲା ଭାଇରସ୍ ଲାଗି ଦର୍‌କାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର୍ ତୟାରି ଆଉ ଚିକିତ୍ସା ସୁବିଧା ବାବ୍‌ଦେ ସମୀକ୍ଷା କରିଛନ୍ । ରାଜ୍ୟର୍ ସବୁ ବିମାନ୍ ବନ୍ଦର୍ ନ ସ୍କ୍ରିନିଂ ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ସନ୍ଦିଗ୍ଧ ରୋଗୀଙ୍କର୍ ଚିହ୍ନଟ୍, ଆଇସୋଲେସନ୍ ୱାର୍ଡ଼ର ତୟାରି, ଉଷୋ ଆଉ ସୁରକ୍ଷା ଦରବ୍‌ମାନ୍‌କର୍ ମିଲ୍‌ବାର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା । ଲୁକ୍‌କର୍ ଭିତ୍‌ରେ ଇବୋଲା ଭାଇରସ୍ ବାବ୍‌ଦେ ସଚେତନତା ବଢ଼ାବାର୍, ଡର୍ ଆର୍ ଗୁଜବ୍‌କେ ଦୂର୍ କର୍‌ବାର୍ ଲାଗି ଠିକ୍ ସୂଚ୍‌ନା ପ୍ରଚାର୍ ପ୍ରସାର୍ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଇ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍,

ରାଜ୍ୟ ସର୍କାର୍ ଯେନ୍କେନ୍ସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିର୍ ସାମ୍ନା କର୍ବାର୍ ଲାଗି ପୁରା ତୟାର୍ ଅଛନ୍ । ଲୁକ୍କୁ ନାଇଁ ଡରିକରି ସଚେତନ୍ ରହେବାର୍କେ ମନ୍ତ୍ରୀ ଅନୁରୋଧ୍ କରିଛନ୍ । ବୈଠକ୍ଥି ସ୍ୱାସ୍ଥ୍ୟ ବିଭାଗ୍ର କମିଶନର୍ ଆଉ ଶାସନ୍ ସଚିବ ଅଶ୍ୱତି ଏସ୍.ଙ୍କର୍ ସହେତେ ଅଲ୍ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଶୀତଲ୍ଷଷ୍ଠୀ ଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁରର୍ ପ୍ରସିଦ୍ଧ ଶୀତଲ୍ଷଷ୍ଠୀ ଯାତ୍ରା ଲାଗି ଶାନ୍ତି ଆଉ ସମନ୍ୱୟ କମିଟି ବୈଠକ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଯାଇଛେ । ଆଏବା ମାସ ୧୫ ତାରିଖ୍ ଦିନ ମୁଲ୍ ହେବାର୍କେ ଥିବା ଇ ଯାତ୍ରାକେ ଶୃଙ୍ଖଳିତ୍ ଭାବେ ପରିଚାଳନା କର୍ବାର୍ ଲାଗି ଜିଲ୍ଲାପାଲ୍ ସବୁ ବିଭାଗ୍କେ ନିର୍ଦ୍ଦେଶ୍ ଦେଇଛନ୍ । ନନ୍ଦପଡ଼ା, ଝାଡୁଆପଡ଼ା ବାଗିର୍ ଭିଡ଼୍ ଇଲାକା ନ ଶ୍ରଦ୍ଧାଳୁଙ୍କର୍ ସୁବିଧା ଲାଗି ଖାସ୍ ପ୍ରସ୍ଥାନ୍ ବ୍ୟବସ୍ଥା ଆଉ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉ

ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୁଲ୍‌ବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କର୍ ଦେଖ୍‌ରେଖ୍‌ଥି ବ୍ୟାପକ୍ ପୁଲିସ୍ ଫୋର୍ସ ଲଗାବାର୍, ଟ୍ରାଫିକ୍ ନିୟନ୍ତ୍ରଣ୍ ଆଉ ପେଟ୍ରୋଲିଂ ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଷଷ୍ଠୀ ଯାତ୍ରା ଆଘୋନୁ ରାସ୍ତାଘାଟ୍ ସଫେଇ, ମରାମତି ଆଉ ଉଚ୍ଛେଦ୍ କାମ୍‌କେ ଜଲ୍‌ଦି ଶେଷ୍ କର୍‌ବାର୍‌କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି        ଆର୍‌ଏନ୍‌ୟୁ/ କଟକ୍

ଗ୍ରୀଷ୍ମପ୍ରବାହ ଆଉ ଶ୍ରଦ୍ଧାଳୁଙ୍କର୍ ଭିଡ୍‌କେ ନଜର୍‌ଥି ରଖିକରି ପୁରୀ ଶ୍ରୀମନ୍ଦିର୍ ନ ମହାପ୍ରଭୁଙ୍କର୍ ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି କାମ୍ ଆଏବା କାଏଲ୍‌ଠାନୁ ସ୍ଥଗିତ୍ ରହେବା । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ମାସ ଫେର୍‌ଘାଏ ଗନ୍‌ତିମନ୍‌ତି ମୁଳ୍ କର୍‌ବାର୍‌କେ ସ୍ଥିର୍ କରାଯାଇଛେ । ଆଏବା ହପ୍ତାନୁ ଛତିଶାନିଯୋଗ୍ ପରିଚାଳନା

କମିଟି ବୈଠକ୍ ସଙ୍ଗେ ରଥଯାତ୍ରା ଲାଗି ଭିନ୍ ଭିନ୍ ବୈଠକ୍ ହେବା । ଆଏଜ୍ ଧାରିଜ୍ କାର୍ଯ୍ୟସୂଚୀ ଅନ୍‌ସାରେ ମଧ୍ୟାହ୍ନ ଧୂପନୀତି ଉତ୍‌ରୁ ଭିତର୍ ରତ୍ନଭଣ୍ଡାର୍‌ର ଗନ୍‌ତି କାମ୍ କରାଯାଉଛେ । ରତ୍ନଭଣ୍ଡାର୍ କମିଟିର୍ ପ୍ରାଧିକୃତ ସଦସ୍ୟ, ଭଣ୍ଡାର ମେକାପ ଆଉ ଅଲ୍‌ଗା ଅଧିକାରୀମାନେ ଗନ୍‌ତି କାମ୍‌ଥି ସାମିଲ୍ ଅଛନ୍ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ, ଗନ୍‌ତିମନ୍‌ତି ବାବ୍‌ଦେ ପ୍ରତିକ୍ରିୟାଥି କହିଛନ୍,

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ଯୁକ୍ତଦୁଇ ଆବେଦନ୍ ହି.ସ.

ମାଧ୍ୟମିକ୍ ଶିକ୍ଷା ପରିଷଦ୍ -ସିଏଚ୍‌ଏସ୍‌ଇ ତର୍‌ଫୁ ଯୁକ୍ତ ଦୁଇ ଥି ନାଁଲେଖା ଆବେଦନ୍ ଲାଗି ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଆଏବା ୨୬ ତାରିଖ୍‌ନୁ ଯୁକ୍ତ ଦୁଇଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । ଛାତ୍ରଛାତ୍ରୀମାନେ ୨୬ ନୁ ଆଏବା ମାସ ୩୦ ତାରିଖ୍‌ତକ୍ ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ । ଜୁଲାଇ ୮ ତାରିଖ୍ ଦିନ ପହେଲା

ଖେପ୍ ମେରିଟ୍ ଲିଷ୍ଟ୍ ବାହାର୍‌ବା ଆଉ ଜୁଲାଇ ୯ ତାରିଖ୍‌ନୁ ୧୫ ତାରିଖ୍ ଭିତ୍‌ରେ ପହେଲା ଖେପ୍ ନାଁଲେଖା କାମ୍ ଚାଲ୍‌ବା ବଲି ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲାପାଲ୍ ସମୀକ୍ଷା       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ମୃତିକା ସଂରକ୍ଷଣ୍ ଆଉ ଜଳବିଭାଜିକା ଉନ୍ନୟନ୍ ବିଭାଗ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ କୃଷି ସିଂଚାଇ ଯୋଜ୍‌ନା, ବୃଷ୍ଟିପୃଷ୍ଟ ଅଂଚଳ ବିକାଶ୍ ଯୋଜନା, ଜଲଧାରା ଯୋଜନା, ମନରେଗା, କୃଷି ବନୀକରଣ ଯୋଜନାର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଛେ ।

ଜଳସେଚନ ପ୍ରକଳ୍ପ-ନୂଆପଡ଼ା       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଅପର୍‌ଜୋଙ୍କ୍ ଜଳସେଚନ ପ୍ରକଳ୍ପର ଜଳସେଚନ୍ କାମ୍‌ର ତଦାରଖ୍ କେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ୨୦ ଝନ୍ ଅଧିକାରୀଙ୍କୁ ୨୦ ଟା ପାଏନ୍ ପଂଚାୟତ୍‌ର ଦାୟିତ୍ୱ ଦିଆଯାଇଛେ । ଅଧିକାରୀମାନେ ନିୟମିତ୍ କ୍ଷେତ୍ର ପରିଦର୍ଶନ୍ କରିକରି ଚାଷୀମାନ୍‌କର୍ ସାଙ୍ଗେ ସିଧାସଲଖ୍ ଆଲୋଚନା କରିକରି ସେମାନ୍‌କର୍ ସମସ୍ୟାର୍ ଜଲ୍‌ଦି ସମାଧାନ୍ ଲାଗି ପଦକ୍ଷେପ୍ ନେବେ ।

ଲୋକକଳା ମହୋତ୍ସବ		ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ ୯ ନମ୍ବର୍ ଲୋକକଳା ଉତ୍ସବ୍- ୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଦୁଲ୍‌ଦୁଲି କଳା ପରିଷଦ୍ ତର୍‌ଫୁ ହେଇଥିବା ଇ ଉତ୍ସବ୍‌ଥି ଭିନ୍ ଭିନ୍ ଲୋକକଳା ପ୍ରଦର୍ଶିତ୍ ହେଇଛେ । ଇ ବଛର୍ ସଂକୀର୍ତନ୍ ଗୁରୁ ପ୍ରସାଦି ପୁଟେଲ, ଲୋକନାଟକ୍ କଳାକାର୍ ଆଉ ଗୁରୁ ନବଦ୍ୱୀପ ଚାନ୍ଦ ବେହେରା ଆଉ ଦଣ୍ଡନୃତ୍ୟ ଗୁରୁ ଯୁଗେଶ୍ୱର୍ ପାତ୍ରଙ୍କୁ ୯ ନମ୍ବର୍ ଲୋକକଳା ସମ୍ମାନଥି କରାଯାଇଛେ ।

କଇଁଛ ଦିବସ୍        ଆର୍‌ଏନ୍‌ୟୁ/ କଟକ୍

କେଛୋ ମାନ୍‌କର୍ ସୁରକ୍ଷା ଆଉ ସେମାନ୍‌କର୍ ଲୋକ୍‌ପାଇଯାଉଥିବା ବାସସ୍ଥଲୀକେ ବଂଚେଇ ରଖ୍‌ବାର୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୦୦ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ କଇଁଛ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ରହିଛେ ‘ମୁଁ କଇଁଛଙ୍କୁ ଭଲପାଏ’ । ଗଣନାନୁ ଜନାପଡ଼ିଛେ, ପୁର୍‌ଥି ନ ପାଖାପାଖି ୩ ଶହ ପ୍ରଜାତିର୍ କେଛୋ ଭିତ୍‌ରୁ ଏଛେନ୍ ପାଖାପାଖି ଶହେ ୨୯ ପ୍ରଜାତିର୍ କେଛୋ ଲୋପ୍ ପାଇଗଲେନ । କେଛେ ମାନେ ପାଖାପାଖି ଶହେ ୫୦ ବଛର୍‌ନୁ ୩ ଶହ ବଛର୍‌ତକ୍ ବଂଚିଥିସନ୍ ବଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ ।

ଆଥ୍‌ଲେଟିକ୍ କପ୍        ଆର୍‌ଏନ୍‌ୟୁ/ କଟକ୍

ରାଂଚି ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ନ ହେଇଥିବା ୨୯ ନମ୍ବର୍ ବରିଷ୍ଠ ଆଥ୍ଲେଟିକ୍ ଫେଡ଼େରେସନ୍ କପ୍‌ଥି ଓଡ଼ିଶାର୍ ଆନିମେଶ୍ କୁଜୁର୍ ଚମତ୍କାର୍ ପ୍ରଦର୍ଶନ୍ କରିକରି ଜାତୀୟ ରେକର୍ଡ଼ ଥାପ୍‌ନା କରିଛନ୍ । ଇ ସଫଳତା ଉତ୍‌ରୁ ସେ ଗ୍ଲାସ୍‌ଗୋ କମନ୍‌ୱେଲ୍‌ଥ୍ ଗେମ୍ସ-୨୦୨୬ ଲାଗି ଯୋଗ୍ୟ ହେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ - ଅନିମେଶ୍ କୁଜୁର୍‌ଙ୍କର୍ ଇ ଅସାଧାରଣ୍ ସଫଳତା ଲାଗି ଶୁଭେଚ୍ଛା ଜନାବାର୍ ସହେତେ ଉଜ୍ଜ୍ୱଲ୍ ଭବିଷ୍ୟତ୍ କାମନା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍‌ଠାନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ସହେତେ କମ୍ ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ

ଅନୁମାନ୍ କରାଯାଇଛେ । ବୌଦ୍ଧ, ଅନୁଗୁଳ, ସହେତେ ୬ ଟା ଜିଲ୍ଲା ନ ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ବୁହିବା ଆଉ ବିଜ୍‌ଲି ମାରିକରି ବର୍ଷା ହେଇପାରେ । ସେଆଡ଼େ ଜବର୍ ତାତିକେ ନେଇକରି ସମ୍ବଲ୍‌ପୁର୍, ବଲାଙ୍ଗିର୍, ଝାର୍‌ସୁଗୁଡ଼ା କେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସମ୍ବଲ୍‌ପୁର୍ ଆଉ ବଲାଙ୍ଗିର୍ ନ ରାତି ନ ଭିଲ୍ ଜବର୍ ତାତି ରହେବା ବଲି ସୂଚ୍‌ନା ମିଲିଛେ ।